# ଅଲ୍  ଓଡିଶା ୟୁନିୟନ୍  ବ୍ୟାଙ୍କ୍ ଏମ୍ପ୍ଲୋୟିଜ୍  ଆସୋସିଏସନ

(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ); <u>ସ୍ଥାପିତ</u> - ୦୭-୦୮-୧୯୭୭

<u>ମୁଖ୍ୟ କାର୍ଯ୍ୟାଳୟ</u> - ମାର୍ଫତ୍ ୟୁନିୟନ୍  ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା, ୩/୧-ଏ, ସିଭିକ୍ ସେଣ୍ଟର୍,

ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ,  ଭୁବନେଶ୍ୱର୍

***e-mail*** **:- aoubea@gmail.com, Website : www.aoubea.org**

=====================================================================




ଭୁବନେଶ୍ୱର                                                                                                    ତାରିଖ:-୧୦.୧୨.୨୦୧୯

ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୋୟିଜ ଆସୋସିଏସନ ର ୨ୟ ରାଜ୍ୟସ୍ତରୀୟ ମହିଳା ସମ୍ମିଳନୀ ସାମ୍ୟବାଦୀ ଭବନ**,** ଭୁବନେଶ୍ୱର ଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ଦୁଇଟି ଯାକ କ୍ଷେତ୍ର ର ସମୁଦାୟ  ୭୨ ଜଣ ମହିଳା ସାଥିଙ୍କ ମଧ୍ୟରୁ ୫୦ଜଣ ମହିଳା ସାଥି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ସମ୍ମିଳନୀ ଆରମ୍ଭ ପୁର୍ବରୁ ଆମ ରାଜ୍ୟ ସଂଗଠନର **(AOUBEA)** ର ପତାକା କୁ ଅଧକ୍ଷା ସଂପୂର୍ଣ୍ଣା ମହାନ୍ତି ଉତ୍ତୋଳନ କରିଥିଲେ । ଉକ୍ତ ସମ୍ମିଳନୀ ରେ ଓଡିଶା ର ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ଅଧ୍ୟାପିକା ମଧୁମିତା ରାଏ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତବର୍ଷରେ ବର୍ତ୍ତମାନ ରାଷ୍ଟ୍ରାୟତ ବ୍ୟାଙ୍କ ମାନଙ୍କୁ କିଭଳି ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘରୋଇକରଣ ହେବାକୁ ଯାଉଛି ଏବଂ ବ୍ୟାଙ୍କ ମାନଙ୍କରେ ସ୍ଥାୟୀ ନିଯୁକ୍ତି ବଦଳରେ କିଭଳି ଠିକା ନିଯୁକ୍ତି କରାଯାଇ ଶୋଷଣ କରାଯାଉଛି ତାହା ଉପରେ ବକ୍ତବ୍ୟ ରଖିଥିଲେ । **BEFI** ର କେନ୍ଦ୍ରୀୟ ମହିଳା ସବକମିଟି ର ସଦସ୍ୟା ଶ୍ରୀମତୀ ପ୍ରିୟଦର୍ଶିନୀ ମହାନ୍ତି ଏଥିରେ ଯୋଗଦେଇ କର୍ମଜୀବୀ ମହିଳାଙ୍କ ସମସ୍ୟା ଓ ବିଶେଷ କରି ବ୍ୟାଙ୍କ ରେ କାର୍ଯ୍ୟ କରୁଥିବା ମହିଳା ମାନଙ୍କର ଅସୁବିଧା ବାବଦରେ ଆଲୋକପାତ କରିଥିଲେ ।

ଅନ୍ୟତମ କେନ୍ଦ୍ରୀୟ ମହିଳା ସବକମିଟିର ସଦସ୍ୟା ସାଥୀ ଉର୍ମିଳା ତିର୍କୀ ଯୋଗଦେଇ ମହିଳାମାନେ କିଭଳି ଆଗକୁ ଆସି ସଂଗଠନ ମାଧ୍ୟମରେ ନିଜର ଅଧିକାରକୁ ସାବ୍ୟସ୍ତ କରିବା ଦରକାର ତାହା ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ **AOBEF** ଉପଦେଷ୍ଟା ସାଥୀ ଜଗଦୀଶ ଚନ୍ଦ୍ର ଜେନା ଓ ଉପ ସାଧାରଣ ସମ୍ପାଦକ ସାଥୀ ପ୍ରଭାଷ ଚନ୍ଦ୍ର ଶଣ୍ଡ ମହିଳାମାନଙ୍କ **Trade union** ରେ ଯୋଗଦାନ ଏବଂ ଦାୟିତ୍ୱନେବା ପାଇଁ ଆହ୍ୱାନ ଦେଇଥିଲେ । ତାପରେ ସମସ୍ତ ୫୦ ଜଣ ମହିଳା ସାଥି ନିଜ ନିଜର ପରିଚୟ ପ୍ରଦାନ ସହିତ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ । ପରେ ଆମ ସଂଗଠନ ର ଉପସଭାପତି ସାଥୀ ପ୍ରଦୀପ କୁମାର ଷଡଙ୍ଗୀ ସଂଗଠନ ର ଇତିହାସ ଏବଂ ସାଥି ମାନଙ୍କର ସଂଗଠନ ପ୍ରତି ଦାୟିତ୍ୱ ଓ କର୍ତବ୍ୟ କୁ କିପରି ପାଳନ କରିବାକୁ ହେବ   ସମସ୍ତ ସାଥି ମାନଙ୍କୁ ଆହ୍ୱାନ ଦେଇଥିଲେ । ମଧ୍ୟାନ  ଭୋଜନ ପରେ ସାଧାରଣ ସମ୍ପାଦକ ସାଥି ଅଜୟ କୁମାର ମହାନ୍ତି ସାଥି ମାନଙ୍କର ଆଲୋଚନା ଉପରେ ଉତ୍ତର ରଖିଥିଲେ ଏବଂ ଅଧକ୍ଷା ଙ୍କ ଦ୍ୱାରା ଦିଆଯାଇଥିବା ଭିତ୍ତିପତ୍ର କୁ ସମର୍ଥନ କରି ଆଲୋଚନା କରିଥିଲେ । ସଂଗଠନ ର ଉପସାଧାରଣ ସମ୍ପାଦକ ସାଥି ସରୋଜ କୁମାର ନାୟକ ଆମ ସଂଗଠନ ର **website** ଏବଂ ବ୍ୟାଙ୍କର ଦୈନନ୍ଦିନ କାର୍ଯ୍ୟରେ ଉପୁଜୁ ଥିବା ବିଭିନ୍ନ ସମସ୍ୟା କୁ କିପରି ସମାଧାନ କରିହେବ ସେ ଦିଗରେ  ସାଥୀମାନଙ୍କୁ ବୁଝାଇଥିଲେ ।

ଉକ୍ତ ସଭାରେ ଆମ ରାଜ୍ୟ ସଂଗଠନ ର ନବ ବର୍ଷ ଉପଲକ୍ଷେ ବ୍ୟାଙ୍କ କର୍ମଚାରୀ ଟ୍ରେଡ ୟୁନିୟନର ପ୍ରବାଦ ପୁରୁଷ ସ୍ୱର୍ଗତ ସାଥୀ ଶାନ୍ତି ବର୍ଦ୍ଧନ ଙ୍କ ସ୍ମୃତି ଉଦେଶ୍ୟରେ ପ୍ରସ୍ତୁତ ପକେଟ କ୍ୟାଲେଣ୍ଡର ମୁଖ୍ୟ ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା ।

ତାପରେ ମହିଳା କମିଟି ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ପ୍ରକ୍ରିୟା ରେ ଆଗରୁ ଥିବା ୧୨ଜଣିଆ କମିଟି ସ୍ଥାନରେ ୧୯ ଜଣିଆ କମିଟି ଗଠନ ପାଇଁ ଗୃହ ରେ ପ୍ରସ୍ତାବ ରଖାଯାଇ ସର୍ବସମ୍ମତିରେ ଅନୁମୋଦନ ହୋଇଥିଲା । ନିର୍ବାଚନ ପ୍ରକ୍ରିୟାରେ ନବନିର୍ବାଚିତ କମିଟି ସଭ୍ୟା ଙ୍କ ନାମ ନିମ୍ନ ରେ ଦିଆଗଲା

| ନାମ | ପଦବୀ | ଶାଖା |
|---|---|---|
| ସମ୍ପୂର୍ଣ୍ଣା ମହାନ୍ତି - | ଅଧକ୍ଷା | ଲୁଇସ୍ ରୋଡ଼ - ଭୁବନେଶ୍ୱର |
| ତୁଳସାବତୀ ଧୁରୁଆ - | ଯୁଗ୍ମ ଆବାହିକା | ଝାରସୁଗୁଡା |
| ନିଶାତ ଇକବାଲ - | ଯୁଗ୍ମ ଆବାହିକା | କଟକ - ମୁଖ୍ୟ |
| ବନ୍ଦିତା ପୃଷ୍ଟି - | ଯୁଗ୍ମ ଆବାହିକା | ଚନ୍ଦ୍ରଶେଖରପୁର |
| ଇତିଶ୍ରୀ ନାୟକ - | ଯୁଗ୍ମ ଆବାହିକା | କେନ୍ଦୁଝର |
| ଅଞ୍ଜୁ ଭୂମିକ୍ - | କମିଟି ସଭ୍ୟା | ରାଉରକେଲା ମୁଖ୍ୟ |
| ସମାପ୍ତା କର - | କମିଟି ସଭ୍ୟା | ପୁରୀ ମୁଖ୍ୟ |
| ବାସନ୍ତି ଦେବନାଥ - | କମିଟି ସଭ୍ୟା | ପୋଖରିପୁଟ |
| ଦେବଜାନୀ ସେନାପତି - | କମିଟି ସଭ୍ୟା | ଜଳେଶ୍ବର |
| ମିନା ବାସ୍କେ - | କମିଟି ସଭ୍ୟା | ବାରିପଦା |
| ସୋନମ୍ ସରିତା ଷଡଙ୍ଗୀ - | କମିଟି ସଭ୍ୟା | ବରେଇପାଲି |
| ରଶ୍ମିତା ମଲ୍ଲହ - | କମିଟି ସଭ୍ୟା | ବେଦ ବ୍ୟାସ |
| ମାନସୀ ପଣ୍ଡା - | କମିଟି ସଭ୍ୟା | କଲେଜ ଛକ -କଟକ |
| ସସ୍ମିତା ଭୋଇ - | କମିଟି ସଭ୍ୟା | ଢେଙ୍କାନାଳ |
| କପୂରା ହାଁସଦା - | କମିଟି ସଭ୍ୟା | ଆଠଗଡ଼ |
| ଦୀପାନ୍ୱିତା ତରାଇ - | କମିଟି ସଭ୍ୟା | ଝାରସୁଗୁଡ଼ା |
| ଟି. ସରସ୍ୱତୀ - | କମିଟି ସଭ୍ୟା | ପୁରୁଷୋତ୍ତମପୁର |
| ତନୁ ଭୂମିକ୍ - | କମିଟି ସଭ୍ୟା | କନ୍ଧମାଳ |
| ସସ୍ମିତା ଗୋଛାଏତ - | କମିଟି ସଭ୍ୟା | ଉଦଙ୍ଗରା |

ଯେଉଁ ସାଥୀମାନେ ଏହି ସମାବେଶରେ ଯୋଗ ଦେଇ ପାରି ନଥିଲେ ସେମାନଙ୍କୁ ଅନୁରୋଧ , ଭବିଷ୍ୟତରେ ସଂଗଠନର ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ସେଗୁଡିକୁ ସଫଳ କରିବାକୁ ଚେଷ୍ଟା କରିବେ ।ଏହି ସମ୍ମିଳନୀ କୁ ସଫଳ କରିବା ପାଇଁ ଆମ ସଂଗଠନର ପୁରୁଷ ସାଥୀ ମାନଙ୍କ ଅକ୍ଲାନ୍ତ ପରିଶ୍ରମ ନିଶ୍ଚିତ ଆମ ସଂଗଠନର ଏକତା ଓ ମହିଳା ମାନଙ୍କ ପ୍ରତି ଥିବା ଦାବିଦ୍ଧ ବଦ୍ଧତା କୁ ପ୍ରତିଫଳିତ କରୁଛି। ତେଣୁ ସମସ୍ତ ପୁରୁଷ ସାଥୀମାନଙ୍କୁ ମହିଳା ସବ୍-କମିଟି ତରଫରୁ ଅଶେଷ ଅଶେଷ ଧନ୍ୟବାଦ ।

ଶେଷରେ ଆସନ୍ତା ନବବର୍ଷ "୨୦୨୦" ଆମ୍ଭ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧିର ଓ ସଫଳତାର ବର୍ଷ ହେଉ – ଏହା ହିଁ ମୋର ଏବଂ ଆମ୍ଭ ମହିଳା ସବ୍-କମିଟିର କାମନା ।

ସଂଗ୍ରାମୀ ଅଭିବାଦନ ସହ । ଆପଙ୍କର

ସମ୍ପୂର୍ଣ୍ଣା ମହାନ୍ତି

ଅଧକ୍ଷ୍ୟା

ମହିଳା ସବ କମିଟୀ